# NATIONAL NEWS BULLETIN (ODIA)

**25 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଏକୀକୃତ ଦେଣନେଣ ସେବା ୟୁପିଆଇ ଦେଶର ଡିଜିଟାଲ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି - କହିଲେ ପ୍ରଧାନମନ୍ତ୍ରୀ ।

- ଚୀନ୍‌ରେ ଆଜି ସୀମା ସମ୍ପର୍କିତ ୨୪ତମ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ଆଲୋଚନାରେ ଭାଗନେବେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ।

- ଗହମ ଅଟା ଏବଂ ତତ୍‌ସମ୍ପର୍କିତ ଉତ୍ପାଦଗୁଡ଼ିକ ଉପରୁ ରପ୍ତାନୀ ପ୍ରତିବନ୍ଧକ ହଟାଇଲେ ସରକାର ।

- ଅର୍ଥନୀତିକ ଓ ଆର୍ଥିକ ସହଯୋଗ ଦୃଢ଼ କରିବା ଉଦ୍ଦେଶ୍ୟରେ ଆଜିଠାରୁ କାନାଡ଼ା ଓ ଆମେରିକା ଗସ୍ତ କରିବେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।

ଏବଂ

- କଲମ୍ବୋଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟମ୍ୟାଚ୍‌ର ତୃତୀୟ ଦିନରେ ଭାରତ ବିପକ୍ଷରେ ଶ୍ରୀଲଙ୍କାର ବ୍ୟାଟିଂ ଜାରି ।

# ପିଏମ୍-ୟୁପିଆଇ

ଏକୀକୃତ ଦେଣନେଣ ସେବା ୟୁପିଆଇର ୧୦ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତର ଡିଜିଟାଲ ଦେଣନେଣ ଯାତ୍ରାରେ ୟୁପିଆଇ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି । ଦେଶବାସୀଙ୍କୁ ସେମାନଙ୍କ ୟୁପିଆଇ ସମ୍ବନ୍ଧିତ ଅନୁଭବ ବାଣ୍ଟିବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ପ୍ରତ୍ୟେକ ଭାରତୀୟ ୟୁପିଆଇର ସଫଳତା ନେଇ ଗର୍ବ ଅନୁଭବ କରିବା ଆବଶ୍ୟକ ।

୨୦୧୬ ମସିହା ଅଗଷ୍ଟ ୨୫ ତାରିଖରେ ଦେଶରେ ୟୁପିଆଇ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ଏହି ସମୟ ମଧ୍ୟରେ ଏହାର ଦେଣନେଣ ମୂଲ୍ୟ ୭ହଜାର କୋଟି ଟଙ୍କାରୁ ୩୧୪ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି । କେବଳ ଭାରତରେ ନୁହେଁ ବିଦେଶର ୧୧ଟି ଦେଶରେ ମଧ୍ୟ ୟୁପିଆଇ ଡିଜିଟାଲ ଦେଣନେଣ ସେବା ସଫଳ ଭାବେ କାର୍ଯ୍ୟ କରୁଛି । ୟୁଏଇ, ଫ୍ରାନ୍ସ, ଭୁଟାନ, ଶ୍ରୀଲଙ୍କା, ନେପାଳ, ସିଙ୍ଗାପୁର, ମରିସସ୍, କତାର, କାମ୍ବୋଡିଆ, ଗ୍ରୀସ୍ ଏବଂ ମାଳଦ୍ୱୀପରେ ୟୁପିଆଇ ସେବା ଡିଜିଟାଲ ଦେଣନେଣର ପ୍ରମୁଖ ମାଧ୍ୟମ ପାଲଟିଛି ।

ଭାରତରେ ଡିଜିଟାଲ ଭିତ୍ତିଭୂମିର ପ୍ରମୁଖ ସ୍ତମ୍ଭ ଭାବେ ୟୁପିଆଇ କୋଟିକୋଟି ଉପଭୋକ୍ତାଙ୍କ ପ୍ରଥମ ପସନ୍ଦ ହୋଇପାରିଛି । ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଆଇଏମ୍ଏଫ୍ ମଧ୍ୟ ଭାରତୀୟ ୟୁପିଆଇ ବ୍ୟବସ୍ଥାକୁ ବିଶ୍ୱର ସର୍ବବୃହତ୍ ବାସ୍ତବ ସମୟ ଦେଣନେଣ ବ୍ୟବସ୍ଥା ଭାବେ ସ୍ୱୀକୃତି ପ୍ରଦାନ

କରିଛି । ବିଶ୍ୱର ଅଣଚାଶ ପ୍ରତିଶତ ଦେଣନେଣ ବ୍ୟବସ୍ଥା ୟୁପିଆଇ ମାଧ୍ୟମରେ ହେଉଥିବା ସୂଚନା ଦିଆଯାଇଛି ।

## ଇଣ୍ଡିଆ-ଚାଇନା ଟକ୍ସ

ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ଆଜି ଚୀନ୍‌ର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କ ସହ ବେଜିଂଠାରେ ଭାରତ-ଚୀନ୍ ସୀମା ସମ୍ପର୍କିତ ୨୫ତମ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ଆଲୋଚନା କରିବେ । ଉଭୟ ନେତା ସୀମା ସମ୍ପର୍କିତ ସମସ୍ୟା ସମେତ ଅନ୍ୟ କେତେକ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମତ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି । ଏହାପୂର୍ବରୁ ଶ୍ରୀ ଡୋଭାଲ ଚୀନ୍‌ର ଉପରାଷ୍ଟ୍ରପତି ହାନ୍ ଝେଙ୍କ ସହ ସାକ୍ଷାତ୍ କରିଛନ୍ତି ।

ଆଲୋଚନା ପୂର୍ବରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରହିବା ଦ୍ୱାରା ଚୀନ୍ ସହ ଭଲ ସମ୍ପର୍କ ରହିଛି । ଶ୍ରୀ ଡୋଭାଲ ଏବଂ ଶ୍ରୀ ୱାଙ୍ଗ ୨୦୦୩ରେ ସ୍ଥାପିତ ଭାରତ-ଚୀନ୍ ସୀମା ସମସ୍ୟା ସମ୍ପର୍କିତ ଆଲୋଚନା ଲାଗି ସ୍ୱତନ୍ତ୍ର ପ୍ରତିନିଧି ଭାବେ କାର୍ଯ୍ୟ କରୁଛନ୍ତି । ଗତବର୍ଷ ଅଗଷ୍ଟରେ ଭାରତ ଏବଂ ଚୀନ୍ ମଧ୍ୟରେ ସଫଳ ଭାବେ ୨୪ତମ ଆଲୋଚନା ଅନୁଷ୍ଠିତ ହୋଇଥିଲା ।

## ଏସ୍‌ସି-ଇପିଏଫ୍‌ଓ

ଘରୋଇ କମ୍ପାନୀ ଗୁଡ଼ିକର କର୍ମଚାରୀ ଭବିଷ୍ୟନିଧି ସଂଗଠନ ଏବଂ ଆୟକର ଦାଖଲ ସମ୍ପର୍କିତ ସମ୍ବେଦନଶୀଳ ସୂଚନାର ବ୍ୟବସାୟିକ ବ୍ୟବହାର ହେବା ବିଷୟକୁ ସର୍ବୋଚ୍ଚ ନ୍ୟାୟାଳୟ ଚିନ୍ତାଜନକ ବୋଲି

କହିଛନ୍ତି । କେନ୍ଦ୍ର ସରକାର ଏଭଳି ସୂଚନା ଗୁଡ଼ିକର ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଉପାୟ କରିବା ଲାଗି ସୁପ୍ରିମକୋର୍ଟ କହିଛନ୍ତି, ଯାହାଫଳରେ କୌଣସି ତଥ୍ୟର ଦୂରୁପଯୋଗ ହୋଇପାରିବ ନାହିଁ । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ବ୍ୟବସାୟିକ ଉଦ୍ୟୋଗର ଭବିଷ୍ୟନିଧି ପାଣ୍ଠି ଓ ଆୟକର ଦାଖଲ ସମ୍ପର୍କିତ ସୂଚନାର ବ୍ୟବସାୟିକ ବ୍ୟବହାର ହେବା ମାମଲାର ଶୁଣାଣି କରି ଏହା କହିଛନ୍ତି । ପ୍ରଧାନ ବିଚାରପତି, ଏହି ପ୍ରସଙ୍ଗରେ ପୀୟୁଷ ଶର୍ମା ନାମକ ବ୍ୟକ୍ତିଙ୍କ ଦ୍ୱାରା ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି କରିବାକୁ ମନା କରିବା ସହ କହିଛନ୍ତି କେନ୍ଦ୍ର ସରକାର ବିଶେଷଜ୍ଞଙ୍କ ସହାୟତାରେ ଏଭଳି ସମସ୍ୟାର ସମାଧାନ ଲାଗି ଏକ ପ୍ରଭାବଶାଳୀ ଉପାୟ କରିବା ଉଚିତ୍ । ଆଗତ ଜନସ୍ୱାର୍ଥ ମାମଲାରେ ଘରୋଇ କମ୍ପାନୀଗୁଡ଼ିକର ଭବିଷ୍ୟନିଧି ପାଣ୍ଠି ଏବଂ ଆୟକର ଦାଖଲ ସମ୍ପର୍କିତ ତଥ୍ୟ ସରକାରୀ ଅଧିକାରୀମାନଙ୍କୁ ଦିଆଯିବା ପରେ ଏହାର ବ୍ୟବସାୟିକ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି ।

## ଡିଫେନ୍ସ-ସେକ୍ରେଟାରୀ

ପ୍ରତିରକ୍ଷା ଉତ୍ପାଦନ ବିଭାଗର ସଚିବ ସଞ୍ଜୀବ କୁମାର କହିଛନ୍ତି ଭାରତର ପ୍ରତିରକ୍ଷା ବିନିର୍ମାଣ କ୍ଷେତ୍ରରେ ଐତିହାସିକ ପରିବର୍ତ୍ତନ ଘଟୁଛି । ଯାହାଫଳରେ ଘରୋଇ ଉତ୍ପାଦନ ୨୦୨୫-୨୬ ଆର୍ଥିକ ବର୍ଷରେ ୧ ଦଶମିକ ୭/୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ୨୦୧୩-୧୪ ଆର୍ଥିକ ବର୍ଷରେ ଏହା ୪୩ହଜାର କୋଟି ଟଙ୍କା ଥିଲା । ନୂଆଦିଲ୍ଲୀରେ ଅନୁଷ୍ଠିତ ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ବିନିର୍ମାଣ ସମ୍ପର୍କିତ ଜାତୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ କୁମାର କହିଛନ୍ତି ପ୍ରତିରକ୍ଷା

ବିନିର୍ମାଣ କ୍ଷେତ୍ରରେ ଘରୋଇ ଇକୋ ସିଷ୍ଟମ୍ ଦ୍ରୁତଗତିରେ ବିକାଶଲାଭ କରୁଥିବା ଏବଂ ଗବେଷଣା ଓ ବିକାଶ କ୍ଷେତ୍ରରେ ଉଦ୍ୟୋଗ ଓ ଶିଳ୍ପଗୁଡ଼ିକ ବ୍ୟାପକ ପୁଞ୍ଜିନିବେଶ କରୁଥିବାରୁ ବିନିର୍ମାଣ କ୍ଷେତ୍ରରେ ରେକର୍ଡ ସଂଖ୍ୟକ ଉତ୍ପାଦନ ହେଉଛି ।

# ଅଟା ରପ୍ତାନୀ

କେନ୍ଦ୍ର ସରକାର ଅଟା ଏବଂ ତତ୍‌ସମ୍ପର୍କିତ ଉତ୍ପାଦଗୁଡ଼ିକ ଉପରୁ ରପ୍ତାନି ପ୍ରତିବନ୍ଧକ ହଟାଇ ଦେଇଛନ୍ତି । ବୈଦେଶିକ ବାଣିଜ୍ୟ ବିଭାଗ ମହାନିର୍ଦ୍ଦେଶକଙ୍କ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ କେନ୍ଦ୍ର ସରକାର ଗହମ ଅଟା ଏବଂ ଅନ୍ୟକେତେକ ଉତ୍ପାଦର ରପ୍ତାନୀ ନୀତିରେ ସଂଶୋଧନ କରି ଏହାକୁ ତୁରନ୍ତ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ସୀତାରମଣ ଭିଜିଟ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜିଠାରୁ କାନାଡା ଏବଂ ଆମେରିକା ଗସ୍ତରେ ଯିବେ । ଅର୍ଥ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏହି ଗସ୍ତ କାଳରେ ଉଭୟ ଦେଶ ସହ ଦ୍ୱିପାକ୍ଷିକ ଅର୍ଥନୈତିକ ଏବଂ ଆର୍ଥିକ ସହଯୋଗ ଦୃଢ଼ କରିବା ସହ ପୁଞ୍ଜିନିବେଶ ସମ୍ପର୍କିତ ଆଲୋଚନା କରାଯିବ । ଟରଣ୍ଟୋ ଗସ୍ତ କରି ଶ୍ରୀମତୀ ସୀତାରମଣ ତାଙ୍କ କାନାଡ଼ା ପ୍ରତିପକ୍ଷ ଫ୍ରାଙ୍କୋଇଶ ଫିଲିଙ୍କ ସହ ଅର୍ଥନୈତିକ ଏବଂ ଆର୍ଥିକ ଆଲୋଚନା କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେବେ । ଏହି ଆଲୋଚନା ଉଭୟ ଦେଶ ପାଇଁ ବୃହତ୍ ଅର୍ଥନୈତିକ ବିକାଶ, ଆର୍ଥିକ କ୍ଷେତ୍ର ସହଯୋଗ, ଦ୍ୱିପାକ୍ଷିକ ପୁଞ୍ଜିନିବେଶ ସୁଯୋଗ ଆଦି ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ ।

# ନାଇଡୁ

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ କହିଛନ୍ତି ଗତ କିଛିବର୍ଷ ମଧ୍ୟରେ ସାମଗ୍ରୀ ପରିବହନ କ୍ଷେତ୍ରରେ ୪୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଶ୍ରୀ ନାଇଡୁ କହିଛନ୍ତି କେନ୍ଦ୍ର ସରକାର ଦେଶରେ ବିଶ୍ୱସ୍ତରୀୟ ବିମାନ ପରିବହନ ହବ୍ ପ୍ରତିଷ୍ଠା କରିବା ଲାଗି ଉଦ୍ୟମ କରୁଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ ସାମଗ୍ରୀ ପରିବହନ ନେଟୱର୍କର ବିସ୍ତାର ଉପରେ ଗୁରୁତ୍ୱ ଦେଇଛନ୍ତି ।

# ଏନ୍ଆଇଏ-ସାଇବର ଟେରୋରିଜିମ

ଗୁଜୁରାଟର ସାଇବର ଆତଙ୍କବାଦ ଘଟଣାରେ ଆଜି ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍ଆଇଏ ୫ଟି ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି । ମହାରାଷ୍ଟ୍ର, ଗୁଜୁରାଟ, ତେଲଙ୍ଗାନା, ବିହାର ଏବଂ ଦିଲ୍ଲୀର କେତେକ ସ୍ଥାନରେ ଚଢ଼ଉ କରାଯାଇଥିବା ସୂଚନା ଦିଆଯାଇଛି । ଏନେଇ ଗତବର୍ଷ ଗୁଜୁରାଟରେ ମାମଲା ପଞ୍ଜୀକୃତ ହୋଇଥିଲା । ସୂଚନା ଅନୁଯାୟୀ ଗତବର୍ଷ ଅପରେସନ ସିନ୍ଦୂର ସମୟରେ କେନ୍ଦ୍ର ସରକାରଙ୍କ ୫୪ଟି ୱେବ୍‌ସାଇଟ୍ ଉପରେ ଆକ୍ରମଣ ହୋଇଥିଲା, ଯେଉଁଥିରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟଗୁଡ଼ିକ ହାସଲ କରିବା ଲାଗି ଚେଷ୍ଟା କରାଯାଇଥିଲା ।

# ବିଜେପି-ପାତ୍ର

ଗତ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ସପ୍ତଧାରା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ଏକ ରୋଡ୍‌ମ୍ୟାପ୍ ବୋଲି ବିଜେପି କହିଛି । ନୂଆଦିଲ୍ଲୀରେ ଆଜି ଏକ ସାମ୍ବାଦିକ

ସମ୍ମିଳନୀରେ ଉଦ୍‌ବୋଧନ ଦେଇ ବିଜେପି ମୁଖପାତ୍ର ଡକ୍ଟର ସମ୍ବିତ ପାତ୍ର କହିଛନ୍ତି ସପ୍ତାଧାରାରେ ବିନିର୍ମାଣ ଶକ୍ତି କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରଯୁକ୍ତି ବିଦ୍ୟା ଓ ନବସୃଜନ, ଗତିଶକ୍ତି, ପ୍ରତିରକ୍ଷା ଶକ୍ତି, ନୀଳ ଓ ସବୁଜ ଅର୍ଥନୀତି ଭଳି ୭ଟି ଉଦୀୟମାନ ଧାରା ଦେଶକୁ ବିକଶିତ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ୟୁପିଆଇର ୧୦ବର୍ଷର ସଫଳ ଯାତ୍ରାକୁ ସ୍ମରଣ କରି ଡକ୍ଟର ପାତ୍ର କହିଛନ୍ତି ଏହା ବିଶ୍ୱର ସର୍ବବୃହତ୍ ବାସ୍ତବ ସମୟ ଦେଣନେଣ ବ୍ୟବସ୍ଥା ହୋଇପାରିଛି । ଏହା ଦେଶକୁ ସମୃଦ୍ଧ କରିଛି ବୋଲି ଶ୍ରୀ ପାତ୍ର କହିଛନ୍ତି ।

# ବିହାର ଫ୍ଲଡ

ବିହାରରେ ପ୍ରବାହିତ ଗଙ୍ଗା ଏବଂ ଅନ୍ୟ ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ପାଟ୍‌ନା ସମେତ ଭାଗଲପୁର ଓ ଅନ୍ୟାନ୍ୟ ଅଞ୍ଚଳରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି । ଭାଗଲପୁର ଜିଲ୍ଲାର ନୌଗାଛିଆସ୍ଥିତ ରାଘପୁର ରିଙ୍ଗବନ୍ଧରେ ଏକ ଘଳିଆ ସୃଷ୍ଟି ହେବା ଫଳରେ ନିକଟସ୍ଥ ଗ୍ରାମଗୁଡ଼ିକ ପ୍ରବାଭିତ ହୋଇଛି । ଅନ୍ୟପକ୍ଷରେ ବେଗୁସରାଇ ଜିଲ୍ଲାରେ ଝାମୋଟିଆ ଗ୍ରାମ ନିକଟରେ ଏକ ୩୦ଫୁଟ ଓସାରର ଘଳିଆ ଯୋଗୁଁ ଅନେକ ପଞ୍ଚାୟତ ଜଳମଗ୍ନ ହୋଇଛି । ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ପରିସ୍ଥିତିର ଆକଳନ କରିବା ପାଇଁ ବନ୍ୟା ପ୍ରଭାବିତ ଜିଲ୍ଲା ଗୁଡ଼ିକର ଆକାଶମାର୍ଗରୁ ନୀରିକ୍ଷଣ କରିଛନ୍ତି । ରିଲିଫ ଏବଂ ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ବିହାର ମୁଖ୍ୟମନ୍ତ୍ରୀ ଅନୁରୋଧ କରିବା ପରେ ଫରକ୍କା ବ୍ୟାରେଜ୍‌ର ସମସ୍ତ ଗେଟ୍ ଖୋଲିଦିଆଯାଇଛି । ଫଳରେ ଜଳପ୍ରବାହ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ଆଶା କରାଯାଉଛି ।

# କ୍ରିକେଟ୍

କଲମ୍ବୋରେ ଚାଲିଥିବା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟମ୍ୟାଚ୍‌ର ଆଜି ତୃତୀୟ ଦିନରେ ଭାରତ ବିପକ୍ଷରେ ଆୟୋଜକ ଶ୍ରୀଲଙ୍କା ପ୍ରଥମ ଇନିଂସ୍ ବ୍ୟାଟିଂ କରୁଛି । ସମ୍ବାଦ ଲେଖାହେଲାବେଳକୁ ଶ୍ରୀଲଙ୍କା ୪୧ ଓଭରରେ ୫ଟି ୱିକେଟ୍ ହରାଇ ୧୬୦ରନ୍ କରିଛି । ପୂର୍ବରୁ ଭାରତ ୯ ୱିକେଟ୍ ହରାଇ ପ୍ରଥମ ଇନିଂସ୍‌ରେ ୫୦୩ରନ୍ କରି ପାଳି ସମାପ୍ତି ଘୋଷଣା କରିଥିଲା । ଧ୍ରୁବ ଜୁରେଲ ତାଙ୍କର ଦ୍ୱିତୀୟ ଶତକ ହାସଲ କରିଥିଲେ । ଏହି ସିରିଜ୍‌ର ପ୍ରଥମ ଟେଷ୍ଟରେ ଭାରତ ୧୬୫ରନ୍‌ରେ ଜିତିବା ପରେ ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।